ପ୍ରେସ୍ ନୋଟ୍

# ଜିଲ୍ଲା ଖଣିଜ କ୍ଷେତ୍ର ପାଣ୍ଠିର ଦଶମ ବୋର୍ଡ ଅଫ୍ ଟ୍ରଷ୍ଟି ବୈଠକ ।

## ପାନୀୟ ଜଳ ଯୋଗାଣ,ସ୍ୱାସ୍ଥ୍ୟ ସେବା,ଶିକ୍ଷା,ଜଳସେଚନ,ଜିବୀକା ଉପାର୍ଜନ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୧୮.୯:- ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାକୁ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ୧୦ମ ବୋର୍ଡ ଅଫ୍ ଟ୍ରଷ୍ଟିର ବୈଠକ ଗତକାଲି ଅପରାହ୍ନରେ ଜିଲ୍ଲାକାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ଓ ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇ ଜିଲ୍ଲା ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଖଣି ପ୍ରଭାବିତ ଅଂଚଳରେ ଲୋକମାନଂକର ଜୀବନ ଧାରଣରେ ଉନ୍ନତି ଆଣିବା ନିମନ୍ତେ ଏହି ପାଣ୍ଠିର ସୁବିନିଯୋଗ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠିର ଅନୁଦାନ ସରକାରଂକ ଦ୍ୱାରା ପ୍ରଦତ୍ତ ନିୟମାବଳୀ ଆଧାରରେ ଖର୍ଚ୍ଚ କରାଯାଉଛି । ଏହି ଅନୁଦାନ ଖର୍ଚ୍ଚ କରୁଥିବା ସମ୍ପୃକ୍ତ ବିଭାଗ ଗୁଡିକର ଅଧିକାରୀମାନଂକର ଦକ୍ଷତା ବୃଦ୍ଧି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଗତ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ହୋଇଥିବା ନବମ ଜିଲ୍ଲା ଖଣିଜ କ୍ଷେତ୍ର ପାଣ୍ଠି ବୈଠକର ନିଷ୍ପତ୍ତିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଉପରେ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ୯ମ ଓ ୧୦ମ ଟ୍ରଷ୍ଟ ବୋର୍ଡ ବୈଠକ ସୁଦ୍ଧା ଜିଲ୍ଲା ଖଣିଜ ପାଣ୍ଠିରେ ୫୩୧.୨୧ କୋଟି ଟଂକା ଉପଲବଧ ଅଛି । ଅଗଷ୍ଟ ୨୦୨୨ ସୁଦ୍ଧା ୨୩୨୦.୫୪ କୋଟି ଟଂକା ସଂଗ୍ରହ କରାଯାଇଛି । ୬୧୪ଟି ପ୍ରକଳ୍ପକୁ ମଂଜୁର କରାଯାଇଛି । ଏହି ଅନୁଦାନକୁ ୨ଟି କ୍ଷେତ୍ରରେ ଯଥା ଉଚ୍ଚ ଅଗ୍ରାଧିକାର ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଯଥାକ୍ରମେ ୬୦-୪୦ ଅନୁପାତରେ ମଂଜୁର କରାଯାଇଛି । ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ୨୯୫୯ଟି ପ୍ରକଳ୍ପ ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ୧୭୬୦ଟି ପ୍ରକଳ୍ପ ଏହିପରି ସମୁଦାୟ ୪୭୧୯ଟି ପ୍ରକଳ୍ପକୁ ମଂଜୁର କରାଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରଦାନ କରାଯାଇଥିବା ୧୬୦୪.୯୨ କୋଟି ଟଂକାରୁ ୧୪୭୯.୮୬ କୋଟି ଟଂକା ଖର୍ଚ୍ଚ ହୋଇ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ପ୍ରକାଶଥାଉକି ଜିଲ୍ଲା ଖଣିଜ ପାଣ୍ଠି ଅଧିନରେ ପ୍ରତ୍ୟକ୍ଷ ଭାବରେ ୫ଟି ବ୍ଲକ୍ ଯଥା- ତାଳଚେର,ଛେଣ୍ଡିପଦା,କଣିହାଁ, ବଅଁରପାଳ ଓ ଅନୁଗୋଳର ସମୁଦାୟ ୬୧୩ଟି ଗ୍ରାମ ପ୍ରଭାବିତ ହେଉଥିବା ବେଳେ ପରୋକ୍ଷ ଭାବରେ ରିଆମାଳ,ପରଜଙ୍ଗ,କଙ୍କଡାହାଡ ଓ ଓଡାପଡାର ୮୨ଟି ଗ୍ରାମ ପ୍ରଭାବିତ ହେଉଛି । ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ପାନୀୟଜଳ ଯୋଗାଣରେ ୯୨୬ଟି ପ୍ରକଳ୍ପ, ପରିବେଶ ସୁରକ୍ଷା ଓ ପ୍ରଦ୍ୟୁଷଣ ନିୟନ୍ତ୍ରଣ ନିମନ୍ତେ ୨୦୭ଟି ପ୍ରକଳ୍ପ,ସ୍ୱାସ୍ଥ୍ୟ ସେବା ପାଇଁ ୩୦୬ଟି ପ୍ରକଳ୍ପ,ଶିକ୍ଷା ପାଇଁ ୧୧୪୭ଟି ପ୍ରକଳ୍ପ, ମହିଳା ଓ ଶିଶୁ ବିକାଶ ନିମନ୍ତେ ୨୦୭ଟି ପ୍ରକଳ୍ପ, ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିମାନଂକ ଉନ୍ନତି ନିମନ୍ତେ

୧୩ଟି ପ୍ରକଳ୍ପ,ଦକ୍ଷତା ବିକାଶ ନିମନ୍ତେ ୨୨୯ଟି ପ୍ରକଳ୍ପ,ପରିମଳ ନିମନ୍ତେ ୫୯ଟି ପ୍ରକଳ୍ପ,ରାସ୍ତା ସଂଯୋଗୀକରଣ ନିମନ୍ତେ ୨୫ଟି ପ୍ରକଳ୍ପ ଓ ଜିବିକା ଉପାର୍ଜନ ନିମନ୍ତେ ୩୨ଟି ପ୍ରକଳ୍ପ ଏହିପରି ୨୯୫୯ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବାବେଳେ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଭୌତିକ ଭିତ୍ତିଭୂମିରେ ୧୩୩୩ଟି ପ୍ରକଳ୍ପ,ଜଳସେଚନରେ ୨୫୪ଟି ପ୍ରକଳ୍ପ,ଶକ୍ତି ଓ ଜଳ ବିଭାଜିକା ଉନ୍ନତି କଳ୍ପେ ୧୩୭ଟି ପ୍ରକଳ୍ପ, ବନୀକରଣରେ ୩୭ଟି ପ୍ରକଳ୍ପ ଓ ଅନ୍ୟାନ୍ୟ ବାବଦରେ ୧ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଏହି ବୈଠକରେ ବିଭିନ୍ନ ବ୍ଲକରେ ଚାଲୁଥିବା ଆଦର୍ଶ ବିଦ୍ୟାଳୟ,ଡାକ୍ତର ପଦବୀ ପୁରଣ, ଶିକ୍ଷକ ନିଯୁକ୍ତି ଓ ଜିବୀକା ଉପାର୍ଜନ ସମ୍ପର୍କରେ ଆଲୋଚନା ହୋଇଥିଲା । ଖଣି ପ୍ରଭାବିତ ଅଂଚଳରେ ଲୋକମାନଂକୁ ମୌଳିକ ସୁବିଧା ଯୋଗାଇ ଦେବା,ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ସାଂସଦ ଓ ବିଧାୟକମାନେ ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ଅଧିକାରୀମାନେ ଜିଲ୍ଲା ଖଣିଜ ପାଣ୍ଠି ବୋର୍ଡକୁ ପ୍ରଦାନ କରୁଥିବା ପ୍ରକଳ୍ପ ପ୍ରସ୍ତାବ ଗୁଡିକୁ ସମ୍ପୃକ୍ତ ସାଂସଦ ଓ ବିଧାୟକମାନେ ଅନୁମୋଦନରେ ପଠାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଗତ ବର୍ଷରେ ଜିଲ୍ଲା ଖଣିଜ ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଆସନ୍ତା ବର୍ଷର ବିଭିନ୍ନ ଯୋଜନା ଉପରେ ଜିଲ୍ଲାପାଳଙ୍କ ଦ୍ୱାରା ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୪୬ ତା.୧୮.୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୮/୯/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


realme Shot on realme 9 Pro+
2022.09.17 16:09